## ସଂକ୍ଷେପରେ

### ଦଶମ ଶ୍ରେଣୀ ଛାତ୍ରଙ୍କ ଆତ୍ମହତ୍ୟା

**ଛେଣ୍ଡିପଦା,୧୨।୭(ସ୍ୱ.ପ୍ର.):** ଅନୁଗୋଳ ଜିଲା ଛେଣ୍ଡିପଦା ଥାନା ପାତ୍ରପଡା ପଞ୍ଚାୟତର ଜଣେ ଦଶମ ଶ୍ରେଣୀ ଛାତ୍ର ବେକରେ ରଶି ଲଗାଇ ଆତ୍ମହତ୍ୟା କରିଛନ୍ତି। ସୋମବାର ସକାଳେ ଛାତ୍ରଜଣଙ୍କ ଘରଠାରୁ ଅଳ୍ପ ଦୂରରେ ଥିବା କୂଅକୁ ଗାଧୋଇବାକୁ ଯାଇ ଫେରି ନ ଥିଲେ। ଦୀର୍ଘ ସମୟ ପର୍ଯ୍ୟନ୍ତ ପୁଅ ନ ଫେରିବାରୁ ପରିବାର ଲୋକମାନେ ଖୋଜାଖୋଜି କରିଥିଲେ। ବିଦ୍ୟାଳୟ, ସମ୍ପର୍କୀୟ ଓ ସାଙ୍ଗମାନଙ୍କ ଘରକୁ ଯାଇ ଖୋଜାଖୋଜି କରିଥିଲେ ହେଁ ସନ୍ଧାନ ପାଇପାରି ନ ଥିଲେ। ତେବେ ମଙ୍ଗଳବାର ସକାଳେ ଗ୍ରାମର କେତେଜଣ ବ୍ୟକ୍ତି ଅଛେଇ ବନ୍ଧ ନିକଟକୁ ଯାଇଥିବାବେଳେ ସେଠାରେ ଏକ ଗଛରେ ଛାତ୍ରଙ୍କ ମୃତଦେହ ଝୁଲୁଥିବା ଦେଖିବାକୁ ପାଇଥିଲେ। ଏ ନେଇ ପରିବାର ଲୋକଙ୍କୁ ଖବର ଦେବା ପରେ ପରିବାର ଲୋକେ ଓ ସମ୍ପର୍କୀୟମାନେ ପହଞ୍ଚି ମୃତଦେହ ନେଇ ସତ୍କାର କରିଦେଇଥିଲେ। ଏ ନେଇ ଥାନାରେ କୌଣସି ଅଭିଯୋଗ ହୋଇ ନ ଥିବା ପୋଲିସ ପ୍ରକାଶ କରିଛି।

### ଭଉଣୀଙ୍କୁ ମାଡ଼ମାରି ଭାଇ ଗିରଫ

**ବଇଣ୍ଡା,୧୨।୭(ଡି.ଏନ.ଏ.):** ଆଠମଲ୍ଲିକ ବ୍ଲକ ଠାକୁରଗଡ଼ ଥାନା ଟେଣ୍ଟଲୋଇ ଗ୍ରାମର ମମତା ସାହୁଙ୍କୁ ତାଙ୍କ ଭାଇ ଉମାକାନ୍ତ ସାହୁ ମାଡ଼ ମାରିଥିବା ମଙ୍ଗଳବାର ଠାକୁରଗଡ଼ ଥାନାରେ ଅଭିଯୋଗ ହୋଇଛି। ତାଙ୍କ ଅଭିଯୋଗକୁ ଭିତ୍ତିକରି ପୋଲିସ ନମ୍ବର ୧୬୯/୨୨ରେ ଏକ ମାମଲା ରୁଜୁ କରି ଅଭିଯୁକ୍ତ ଉମାକାନ୍ତଙ୍କୁ ଗିରଫ ପରେ କୋର୍ଟଚାଲାଣ କରିଛି। ପୋଲିସ କହିଛି, ପାରିବାରିକ କଳହକୁ ନେଇ ଉମାକାନ୍ତ ମମତାଙ୍କୁ ମାଡ଼ ମାରିଥିବା ଅଭିଯୋଗପତ୍ରରେ ଉଲ୍ଲେଖ କରାଯାଇଛି।

### ୨ ବାଇକ୍ ଧକ୍କା, ୩ ଗୁରୁତର

**ଛେଣ୍ଡିପଦା,୧୨।୭(ସ୍ୱ.ପ୍ର.):** ଅନୁଗୋଳ ଜିଲା ଛେଣ୍ଡିପଦା ଥାନା ମାମୁରିଆ ରୁଗୁଡି ସାହି ନିକଟରେ ମଙ୍ଗଳବାର ୨ଟି ମୋଟରସାଇକେଲ ମଧ୍ୟରେ ମୁହାଁମୁହିଁ ଧକ୍କା ହେବା ଫଳରେ ୩ ଜଣ ଗୁରୁତର ହୋଇଛନ୍ତି। ସେମାନେ ହେଲେ କଣିହାଁ ଥାନା ଘଣ୍ଟିଆନାଳି ଗ୍ରାମର ବିନ୍ଦୁ ଦଳବେହେରା, କୁମୁଣ୍ଡା ଗ୍ରାମର ନିରଞ୍ଜନ ବେହେରା ଓ ମନୋଜ ସାହୁ। ପ୍ରକାଶ ଯେ, କୁମୁଣ୍ଡା ଗ୍ରାମର ମନୋଜ ଓ ନିରଞ୍ଜନ ଏକ ମୋଟରସାଇକେଲରେ ଖଇରିପାଲି ଅଞ୍ଚଳରୁ ଛେଣ୍ଡିପଦା ଦେଇ ଫେରୁଥିବାବେଳେ ମାମୁରିଆ ରୁଗୁଡି ସାହି ନିକଟରେ ବିପରୀତ ଦିଗରୁ ଆସୁଥିବା ଘଣ୍ଟିଆନାଳି ଗ୍ରାମର ବିନ୍ଦୁ ଦଳବେହେରା ଓ ମନୁ ଦେହୁରୀଙ୍କ ମୋଟରସାଇକେଲ୍ ସହ ଧକ୍କା ଲାଗିଥିଲେ। ଫଳରେ ଦୁଇ ମୋଟରସାଇକେଲରେ ଥିବା ମନୋଜ, ନିରଞ୍ଜନ ଓ ବିନ୍ଦୁ ଗୁରୁତର ହୋଇ ରାସ୍ତାରେ ପଡିଥିବା ବେଳେ ମନୁ ଦେହୁରୀଙ୍କର କୌଣସି କ୍ଷତି ହୋଇ ନ ଥିଲା। ଦୁର୍ଘଟଣା ପରେ ସ୍ଥାନୀୟ ଲୋକମାନେ ଗୁରୁତର ୩ ଜଣଙ୍କୁ ଉଦ୍ଧାର କରି ଛେଣ୍ଡିପଦା ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରରେ ଭର୍ତ୍ତି କରିଥିଲେ। ସେଠାରୁ ରଞ୍ଜନ ଓ ମନୋଜଙ୍କୁ ଅନୁଗୋଳ ଜିଲା ମୁଖ୍ୟ ଚିକିତ୍ସାଳୟକୁ ସ୍ଥାନାନ୍ତର କରାଯାଇଛି। ଛେଣ୍ଡିପଦା ପୋଲିସ ଘଟଣାସ୍ଥଳରେ ପହଞ୍ଚି ଦୁର୍ଘଟଣାଗ୍ରସ୍ତ ବାଇକ୍ ୨ଟିକୁ ଜବତ କରିବା ସହିତ ଘଟଣାର ତଦନ୍ତ ଚଳାଇଛି।

# କଏଦୀଙ୍କ ଚିକିତ୍ସା ବ୍ୟବସ୍ଥାକୁ କୋଣଠେସା




**ସରକାରଙ୍କୁ ଚିଠି ଲେଖାଯାଇଛି**

"ଅନୁଗୋଳ ଜିଲାରେ ଥିବା କୌଣସି ଜେଲରେ ଡାକ୍ତର ନାହାନ୍ତି। ଏ ନେଇ ସରକାରଙ୍କୁ ଚିଠି ଲେଖାଯାଇଛି। ଜେଲ ମହାନିର୍ଦ୍ଦେଶକଙ୍କୁ ଅବଗତ କରାଯାଇଛି। ଡାକ୍ତର ନିଯୁକ୍ତି ହୋଇପାରିଲେ କଏଦୀମାନଙ୍କୁ ଉତ୍ତମ ଚିକିତ୍ସା ପ୍ରଦାନ କରାଯାଇପାରନ୍ତା। ମହିଳା କଏଦୀ ଓ ସେମାନଙ୍କ ସହ ଥିବା ଶିଶୁଙ୍କ ଉପଯୁକ୍ତ ଯତ୍ନ ନିଆଯାଇପାରନ୍ତା।

-ଅନୁଗୋଳ ଜେଲ କର୍ତ୍ତୃପକ୍ଷ

**ସ୍ୱାସ୍ଥ୍ୟସେବା ପାଇବାକୁ କଏଦୀ ହକ୍‌ଦାର**



"କେବଳ ଜେଲ କୋଠାକୁ ଚକାଚକ୍ କରିଦେଲେ ହେବନାହିଁ। କଏଦୀଙ୍କ ପାଇଁ ଆନୁଷଙ୍ଗିକ ବ୍ୟବସ୍ଥା କରାଯିବା ଦରକାର। ବିଶେଷକରି କଏଦୀଙ୍କ ସ୍ୱାସ୍ଥ୍ୟସେବା ଅଧିକାରକୁ ଅଗ୍ରାଧିକାର ଦିଆଯିବା ଅତ୍ୟନ୍ତ ଜରୁରୀ। କିନ୍ତୁ ଏ ଦିଗରେ ରାଜ୍ୟ ସରକାର ପଦକ୍ଷେପ ନେଉ ନ ଥିବାରୁ କଏଦୀଙ୍କ ଅଧିକାର କ୍ଷୁଣ୍ଣ ହେଉଛି। ଜେଲ୍‌ରେ ଜଣେ ସ୍ପେଶାଲିଷ୍ଟ ଡାକ୍ତରଙ୍କୁ ତୁରନ୍ତ ନିଯୁକ୍ତି ଦିଆଯାଉ।

-ରଞ୍ଜନ ପାତ୍ର, ବୁଦ୍ଧିଜୀବୀ, ଅନୁଗୋଳ

**ସପ୍ତାହକୁ ୩ ଦିନ ଡାକ୍ତର ପଠାଉଛୁ**



"ପୂର୍ବରୁ ଅନୁଗୋଳ ଜେଲରେ ସ୍ଥାୟୀ ଡାକ୍ତର ନିଯୁକ୍ତିର ବ୍ୟବସ୍ଥା ନ ଥିଲା। କିଛି ବର୍ଷ ପୂର୍ବରୁ ସରକାର ଏହାକୁ ଅନୁମୋଦନ କରିଛନ୍ତି। କିନ୍ତୁ ଗୃହ ବିଭାଗ ଡାକ୍ତର ପ୍ରଦାନ କରୁନାହିଁ। ଫଳରେ ଜିଲା ମୁଖ୍ୟ ଚିକିତ୍ସାଳୟରୁ ସପ୍ତାହକୁ ୩ ଦିନ ଡାକ୍ତର ପଠାଯାଉଛି। ମାସକୁ ଥରେ ସ୍ପେଶାଲିଷ୍ଟ ଯାଉଛନ୍ତି। ସରକାର ଡାକ୍ତର ଅନୁମୋଦନ କଲେ କଏଦୀଙ୍କ ଚିକିତ୍ସାରେ ସମସ୍ୟା ରୁହନ୍ତା ନାହିଁ।

-ଡାକ୍ତର ତ୍ରିଲୋଚନ ପ୍ରଧାନ, ଜିଲା ମୁଖ୍ୟ ଚିକିତ୍ସା ଅଧିକାରୀ

- ଅନୁଗୋଳର କୌଣସି ଜେଲରେ ନାହାନ୍ତି ସ୍ଥାୟୀ ଡାକ୍ତର
- ସପ୍ତାହକୁ ୩ ଦିନ ଜିଲା ମୁଖ୍ୟ ଚିକିତ୍ସାଳୟରୁ ଆସୁଛନ୍ତି
- ଚିଠି ଲେଖାଯାଇଥିଲେ ମଧ ପଦକ୍ଷେପ ନିଆଯାଉନି

**ଅନୁଗୋଳ ଅଫିସ,୧୨।୭**

ଅନୁଗୋଳ ଜିଲା କାରାଗାର ହେଉ କି ଉପଖଣ୍ଡରେ ଥିବା କାରାଗାର, କୌଣସି ସ୍ଥାନରେ ସ୍ଥାୟୀ ଡାକ୍ତର ନାହାନ୍ତି। ଏ ନେଇ ରାଜ୍ୟ ସରକାରଙ୍କ ନିକଟକୁ ଚିଠି ଲେଖାଯାଇଥିଲେ ମଧ୍ୟ ଆବଶ୍ୟକ ପଦକ୍ଷେପ ନିଆଯାଉ ନାହିଁ। ଫଳରେ ଏଠାରେ ରହୁଥିବା କଏଦୀ ଓ ବିଚାରାଧୀନ କଏଦୀଙ୍କୁ ଉପଯୁକ୍ତ ଚିକିତ୍ସା ସେବା ମିଳିପାରୁ ନାହିଁ। ଜିଲା ମୁଖ୍ୟ ଚିକିତ୍ସାଳୟ ପକ୍ଷରୁ ସପ୍ତାହକୁ ୩ ଦିନ ଡାକ୍ତର ପଠାଯାଉଥିବା ବେଳେ ବାକି ୪ ଦିନ ଫାର୍ମାସିଷ୍ଟ କାମ ଚଳାଉଛନ୍ତି। କଏଦୀଙ୍କ ଚିକିତ୍ସା ବ୍ୟବସ୍ଥାର ଏପରି କୋଣଠେସାକୁ ଅନୁଗୋଳର ବୁଦ୍ଧିଜୀବୀମାନେ ତୀବ୍ର ସମାଲୋଚନା କରିଛନ୍ତି। ଅନ୍ୟମାନଙ୍କ ପରି ଉତ୍ତମ ଚିକିତ୍ସା କଏଦୀମାନଙ୍କ ଅଧିକାର ହୋଇଥିଲେ ମଧ୍ୟ ସରକାର ଏ ଦିଗରେ ଅବହେଳା କରୁଥିବା ସେମାନେ ଅଭିଯୋଗ କରିଛନ୍ତି।

ଜିଲା କାରାଗାର ସହ ତାଳଚେର, ଆଠମଲ୍ଲିକ ଓ ପାଲଲହଡ଼ା ଉପକାରାଗାରକୁ ମିଶାଇ ଅନୁଗୋଳ ଜିଲାରେ ମୋଟ ୪ଟି ଜେଲ ରହିଛି। ଜିଲାର ବିଭିନ୍ନ ଥାନା ପକ୍ଷରୁ ଆପରାଧିକ ମାମଲାରେ ଗିରଫ ହୋଇଥିବା ଅଭିଯୁକ୍ତମାନେ ଏଠାରେ ରହି ବିଚାର ପ୍ରକ୍ରିୟାର ସମ୍ମୁଖୀନ ହେଉଛନ୍ତି। ଏଥିସହ ଅନ୍ୟ ଜିଲାର ବହୁ ବିଚାରାଧୀନ କଏଦୀଙ୍କୁ ଏଠାରେ ରଖାଯାଇଛି। ଅନୁଗୋଳ ବ୍ୟାଙ୍କ ଡକାୟତି ମାମଲାରେ ଗିରଫ ଆନ୍ତଃରାଜ୍ୟ ଡକାୟତମାନଙ୍କ ପରି କେତେଜଣ ଦୁର୍ଦ୍ଦାନ୍ତ ଅପରାଧୀ ମଧ୍ୟ ଏଠାରେ ବନ୍ଦୀ ଅଛନ୍ତି। ଏମାନଙ୍କ ଛଡ଼ା ବହୁ କଏଦୀ ମଧ୍ୟ ଏସବୁ କାରାଗାରରେ ସଜା କାଟୁଛନ୍ତି। ଅନେକ ସମୟରେ ଜେଲରେ କ୍ଷମତାଠାରୁ ଅଧିକ କଏଦୀଙ୍କୁ ରଖାଯାଉଛି। ଅନୁଗୋଳ ଜିଲା କାରାଗାରରେ ୩୪୩ କଏଦୀ ରହିବା କ୍ଷମତା ଥିବାବେଳେ ମଙ୍ଗଳବାର ସୁଦ୍ଧା ୩୭୭ ଜଣ ରହିଛନ୍ତି। ସେମାନଙ୍କ ମଧ୍ୟରେ ୧୨ ଜଣ ମହିଳା ଓ ୨ ଜଣ ଶିଶୁ ମା'ଙ୍କ ସହ ଅଛନ୍ତି। ଆଠମଲ୍ଲିକ ସବ୍ ଜେଲ୍‌ରେ ୫୮ ଜଣଙ୍କ ସ୍ଥାନରେ ୭୬ କଏଦୀ ରହିଛନ୍ତି। କେବଳ ତାଳଚେର ଓ ପାଲଲହଡା ଉପ କାରାଗାରରେ କ୍ଷମତାଠାରୁ କମ୍ ସଂଖ୍ୟକ କଏଦୀ ଥିବା ସୂଚନା ମିଳିଛି। ତେବେ ଅନେକ କଏଦୀଙ୍କ ସ୍ୱାସ୍ଥ୍ୟ ସମସ୍ୟା ଥିଲେ ବି ଜେଲ୍‌ରେ ସ୍ଥାୟୀ ଡାକ୍ତର ନାହାନ୍ତି। ଜଣେ ଫାର୍ମାସିଷ୍ଟ ନିଯୁକ୍ତି ପାଇଥିବା ବେଳେ ଜିଲା ମୁଖ୍ୟ ଚିକିତ୍ସାଳୟ ପକ୍ଷରୁ ସପ୍ତାହର ସୋମବାର, ମଙ୍ଗଳବାର ଓ ବୁଧବାର ଡାକ୍ତର ପଠାଯାଉଛି। ଆବଶ୍ୟକ ପଡ଼ିଲେ ସ୍ତ୍ରୀ ଓ ପ୍ରସୂତି କିମ୍ବା ଶିଶୁ ବିଭାଗର ଡାକ୍ତର ପହଞ୍ଚୁଛନ୍ତି। ହେଲେ ଦୁରାରୋଗ୍ୟ ବ୍ୟାଧି କିମ୍ବା ମାନସିକ ରୋଗରେ ପୀଡ଼ିତ କଏଦୀଙ୍କୁ ସେଭଳି ଚିକିତ୍ସା ମିଳିପାରୁନାହିଁ। କୌଣସି କଏଦୀ ଅଧିକ ଅସୁସ୍ଥ ହେଲେ ସେମାନଙ୍କୁ ଜିଲା ମୁଖ୍ୟ ଚିକିତ୍ସାଳୟରେ ଭର୍ତ୍ତି କରାଯାଉଛି। କଟକ ବଡ଼ ମେଡିକାଲ ପଠାଯିବାର ଆବଶ୍ୟକତା ଥିଲେ ଅଦାଲତଙ୍କ ଅନୁମୋଦନ ଅନୁଯାୟୀ ଚୌଦ୍ୱାର ଜେଲକୁ ସ୍ଥାନାନ୍ତର କରାଯାଉଛି। ଜେଲ୍‌ରେ ଖାଲି ପଡ଼ିଥିବା ଡାକ୍ତର ପଦବୀ ପୂରଣ ପାଇଁ ଜିଲା ପ୍ରଶାସନ ଓ ରାଜ୍ୟ ସରକାରଙ୍କ ନିକଟକୁ ଚିଠି କରାଯାଇଥିଲେ ମଧ୍ୟ ସୁଫଳ ମିଳୁନାହିଁ। ଗତ ୨ ବର୍ଷ ମଧ୍ୟରେ ୩ କଏଦୀଙ୍କ ଚିକିତ୍ସାଧୀନ ଅବସ୍ଥାରେ ମୃତ୍ୟୁ ହୋଇଛି। ସେମାନେ ହେଲେ ହତ୍ୟା ମାମଲାରେ ଆଜୀବନ ସଜା କାଟୁଥିବା ଅନୁଗୋଳ ସଦରଥାନା ଖଣ୍ଡହତା ଅଞ୍ଚଳର ମଙ୍ଗୁଲୁ ନାଏକ, ଅବକାରୀ ମାମଲାରେ ବିଚାରାଧୀନ କଏଦୀ ଛେଣ୍ଡିପଦା ଥାନା ଅଞ୍ଚଳର ଅଧିରାଜ ମାଝି ଓ ରୁଗୁଡିସାହିର ଜୟ ସାହୁ। ତୁରନ୍ତ ଜିଲାର ୪ଟି ଜେଲ୍‌ରେ ଖାଲି ପଡ଼ିଥିବା ଡାକ୍ତର ପଦବୀ ପୂରଣ ସହ କଏଦୀଙ୍କୁ ଉପଯୁକ୍ତ ଚିକିତ୍ସା ସେବା ଯୋଗାଇ ଦେବାକୁ ଦାବି ହେଉଛି।

# ଦାବି ପୂରଣ ନ ହେଲେ ଆନ୍ଦୋଳନ

**ତାଳଚେର,୧୨।୭(ନି.ପ୍ର.)**

ଏମ୍‌ସିଏଲ୍‌ରେ କାର୍ଯ୍ୟରତ କର୍ମଚାରୀ ଏବଂ ଚୁକ୍ତିଭିତ୍ତିକ ଶ୍ରମିକମାନଙ୍କ ୧୬ ଦଫା ଦାବିକୁ ବିଭାଗୀୟ ଖଣି କର୍ତ୍ତୃପକ୍ଷ ଆସନ୍ତା ୨୫ ତାରିଖ ସୁଦ୍ଧା ସମାଧାନ ନ କଲେ ଶ୍ରମିକ ସଙ୍ଗଠନଗୁଡ଼ିକ ପକ୍ଷରୁ ସମସ୍ତ ଖଣିକ୍ଷେତ୍ର କାର୍ଯ୍ୟାଳୟ ସମ୍ମୁଖରେ ଧାରଣା ଦିଆଯିବା ସହ ଅଗଷ୍ଟ ୧ ତାରିଖରେ ଧର୍ମଘଟ କରାଯିବ ବୋଲି ଚେତାବନୀ ଦିଆଯାଇଛି। ଏ ନେଇ ୪ ଶ୍ରମିକ ସଙ୍ଗଠନ ଆଇଏନ୍‌ଟିୟୁସି, ଏଆଇଟିୟୁସି, ବିଏମ୍‌ଏସ୍, ଏଚ୍‌ଏମ୍‌ଏସ୍ ପକ୍ଷରୁ ଏମ୍‌ସିଏଲ୍‌ର ସିଏମ୍‌ଡିଙ୍କୁ ଏକ ପତ୍ର ପ୍ରଦାନ କରାଯାଇଛି।

ଉକ୍ତ ପତ୍ରରେ ଦର୍ଶାଯାଇଛି, ଖଣି କର୍ତ୍ତୃପକ୍ଷଙ୍କ ଦ୍ୱାରା ବ୍ୟାପକ ଆଉଟସୋର୍ସିଂ କରାଯାଉଥିବାରୁ ଏମ୍‌ସିଏଲ୍‌ର ବିଭାଗୀୟ କର୍ମଚାରୀ ଏବଂ ଯନ୍ତ୍ରପାତିଗୁଡ଼ିକ ଅବ୍ୟବହୃତ ହେଉଛି। ମ୍ୟାନେଜମେଣ୍ଟର ଏଭଳି କାର୍ଯ୍ୟଧାରାକୁ ବିଭିନ୍ନ ଶ୍ରମିକ ସଙ୍ଗଠନ ପକ୍ଷରୁ ଦୃଢ଼ ନିନ୍ଦା କରାଯାଇଛି। କର୍ମଚାରୀଙ୍କ କାର୍ଯ୍ୟ ସମୟରେ ଉନ୍ନତୀକରଣ, ସମସ୍ତ ଶ୍ରମିକଙ୍କୁ କର୍ପୋରେଟ ଉପହାର, ମେଡିକାଲ କଲେଜ ଖୋଲିବା ଏବଂ ଏମ୍‌ସିଏଲ୍ କର୍ମଚାରୀଙ୍କ ପଞ୍ଜୀକରଣ ନିମନ୍ତେ କୋଟା ବ୍ୟବସ୍ଥା, ନେହେରୁ ଶତାବ୍ଦୀ କେନ୍ଦ୍ରୀୟ ଚିକିତ୍ସାଳୟ ଏବଂ ଡିସ୍‌ପେନସାରୀ ଗୁଡ଼ିକରେ ଡାକ୍ତର ଏବଂ ପାରା ମେଡିକାଲ ଷ୍ଟାଫ୍ ନିଯୁକ୍ତି ସହ ଚିକିତ୍ସାସେବାରେ ଉନ୍ନତି, ବର୍ତ୍ତମାନର ଆବଶ୍ୟକତା ଅନୁସାରେ ପର୍ଯ୍ୟାପ୍ତ ସ୍କୁଲ ବସ୍ ଯୋଗାଇବା, ଡିଏଭି ଏବଂ ସେଣ୍ଟ୍ରାଲ ସ୍କୁଲର ମ୍ୟାନେଜମେଣ୍ଟ କମିଟିରେ ଶ୍ରମିକ ପ୍ରତିନିଧିଙ୍କୁ ଅନ୍ତର୍ଭୁକ୍ତ କରାଯିବା, ବୈଷୟିକ ଜ୍ଞାନ ଆହରଣକାରୀ ଜମି କ୍ଷତିଗ୍ରସ୍ତ ପ୍ରଜାଙ୍କୁ ଯୋଗ୍ୟତା ଅନୁସାରେ ୯.୩.୦ ଅଧୀନରେ ନିଯୁକ୍ତି, ସମସ୍ତ ଚୁକ୍ତିଭିତ୍ତିକ ଶ୍ରମିକଙ୍କୁ ଏଚ୍‌ପିସି ମଜୁରି ପ୍ରଦାନ, ଗ୍ରାଚୁଇଟି, ସିଏମ୍‌ପିଏଫ୍, ସିଏମ୍‌ପିଏସ୍, ଛୁଟି ଦରମା ଏବଂ ଅନ୍ୟାନ୍ୟ ଅବସରକାଳୀନ ଦେୟ ଅବସର ଦିନ ପ୍ରଦାନ କରାଯିବା ଆଦି ୧୬ ଦଫା ଦାବି ୨୫ ତାରିଖ ସୁଦ୍ଧା ପୂରଣ କରିବାକୁ ଦାବି କରାଯାଇଛି।

**୪ ଶ୍ରମିକ ସଙ୍ଗଠନର ଚେତାବନୀ**

# ନୂଆ ଆଇଆଇସିଙ୍କୁ ସମ୍ବର୍ଦ୍ଧନା



ଆଇଆଇସି ନମିତା ନାୟକଙ୍କ ସହ ପଞ୍ଚାୟତବାସୀ ଆଲୋଚନା କରୁଛନ୍ତି।

**ବଇଣ୍ଡା,୧୨।୭(ଡି.ଏନ.ଏ.)**

କିଶୋରନଗର ବ୍ଲକ ହଣ୍ଡପା ଥାନାରେ ନୂତନ ଭାବେ ଯୋଗଦେଇଥିବା ଆଇଆଇସି ନମିତା ନାୟକଙ୍କୁ ମଙ୍ଗଳବାର ହଣ୍ଡପା ପଞ୍ଚାୟତ ପକ୍ଷରୁ ସମ୍ବର୍ଦ୍ଧନା ଦିଆଯାଇଛି। ପଞ୍ଚାୟତ ପକ୍ଷରୁ ସରପଞ୍ଚଙ୍କ ପ୍ରତିନିଧି ବିଶ୍ୱରଞ୍ଜନ ପ୍ରଧାନ, ବାପୁଜୀ ପ୍ରଧାନ, ମହେଶ୍ୱର ଛତ୍ରିଆ, ରଞ୍ଜନ ବେହେରା ପ୍ରମୁଖ ଆଇଆଇସିଙ୍କୁ ସମ୍ବର୍ଦ୍ଧିତ କରିବା ସହ ହଣ୍ଡପା ଅଞ୍ଚଳରେ ଆଇନଶୃଙ୍ଖଳା ଠିକ ରହିବା ଓ ଅପରାଧ ହ୍ରାସ ସମ୍ପର୍କରେ ଆଲୋଚନା କରିଥିଲେ। ହଣ୍ଡପାକୁ ଅପରାଧମୁକ୍ତ ଅଞ୍ଚଳ କରିବା ପୋଲିସର ଲକ୍ଷ୍ୟ ବୋଲି ଆଇଆଇସି ଅଞ୍ଚଳ ବାସୀଙ୍କୁ କହିଥିଲେ।

# ତହସିଲ ଅଫିସରେ ଆଇନଜୀବୀଙ୍କ ଧାରଣା

**ତାଳଚେର,୧୨।୭(ନି.ପ୍ର.)**

ତାଳଚେର ତହସିଲ ଅଫିସ ଭିତରେ ମଙ୍ଗଳବାର ଆଇନଜୀବୀ ପ୍ରତାପ ପ୍ରଧାନ ଧାରଣା ଦେଇଥିଲେ। ତହସିଲକୁ ବାରମ୍ବାର ଧାଉଁଥିଲେ ମଧ୍ୟ ତାଙ୍କ କାର୍ଯ୍ୟ କରାଯାଉ ନ ଥିବାରୁ ପ୍ରତିବାଦରେ ଧାରଣା ଦେଇଥିବା ଆଇନଜୀବୀ ପ୍ରଧାନ କହିଛନ୍ତି। ସେ ଅଭିଯୋଗ କରିଛନ୍ତି, ଦୀର୍ଘ ଦିନ ହେବ କିଛି ଜମିଜମା ସଂକ୍ରାନ୍ତୀୟ କାଗଜପତ୍ର କାମ ଥିବାରୁ ଏ ନେଇ ସେ ବାରମ୍ବାର ତହସିଲ ଅଫିସକୁ ଆସୁଥିଲେ ମଧ୍ୟ କାମ ହୋଇପାରୁ ନାହିଁ। ଜମି ବଣ୍ଟନ ପତ୍ର, ଆପୋଷି ଭାଗ, କିସମ ପରିବର୍ତ୍ତନ ଆଦି ବାବଦକୁ ମୋଟା ଅଙ୍କର ଅର୍ଥ ତହସିଲ ବିଭାଗ ପକ୍ଷରୁ ଦାବି କରାଯାଉଛି। ତାଙ୍କ କାର୍ଯ୍ୟ କରା ନ ଯିବା ପ୍ରତିବାଦରେ ଧାରଣା ଦେଇଥିବା ଆଇନଜୀବୀ ପ୍ରତାପ ପ୍ରଧାନ ପ୍ରକାଶ କରିଛନ୍ତି। ଏ ସମ୍ପର୍କରେ ଅତିରିକ୍ତ ତହସିଲଦାର ସଚ୍ଚିଦାନନ୍ଦ ନାୟକ କହିଛନ୍ତି, ଆଇନଜୀବୀ ତାଙ୍କ ଇଚ୍ଛା ଅନୁଯାୟୀ ଧାରଣାରେ ବସିଲେ ଓ ନିଜେ ଉଠିଗଲେ। କ'ଣ ପାଇଁ ଧାରଣାରେ ବସିଛନ୍ତି ପଚାରିବାରୁ କିଛି କହିଲେ ନାହିଁ ବୋଲି ଅତିରିକ୍ତ ତହସିଲଦାର ପ୍ରକାଶ କରିଛନ୍ତି।




ଆଇନଜୀବୀ ପ୍ରତାପ ପ୍ରଧାନ ଧାରଣା ଦେଇଛନ୍ତି।



ଆଠମଲ୍ଲିକ ବ୍ଲକ ମାଧପୁର ସେବା ସମବାୟ ସମିତିରେ ସାର ପାଇଁ ଚାଷୀଙ୍କ ଲମ୍ବା ଧାଡି।

# ଖେଳପଡ଼ିଆ ସ୍ଥିତି ଅନୁଧ୍ୟାନ



ମାଧପୁର ଖେଳପଡ଼ିଆର ସ୍ଥିତି ଅନୁଧ୍ୟାନ କରୁଛନ୍ତି ଉପଜିଲାପାଳ।

**ମାଧପୁର,୧୨।୭**

ଆଠମଲ୍ଲିକ ବ୍ଲକ ମାଧପୁରଠାରେ ଥିବା ଖେଳପଡ଼ିଆରେ ବର୍ଷକରୁ ୮ ମାସ ପାଣି ଜମି ରହୁଥିବା ନେଇ ଅଭିଯୋଗ ମିଳିବା ପରେ ମଙ୍ଗଳବାର ଏହାର ସ୍ଥିତି ଅନୁଧ୍ୟାନ କରିଛନ୍ତି ଆଠମଲ୍ଲିକ ଉପଜିଲାପାଳ ଲଳିତ ମୋହନ ବେହେରା। ବ୍ଲକର ଏହା ଏକ ଅଗ୍ରଣୀ ଖେଳପଡ଼ିଆ ହୋଇଥିବାରୁ ଏଠାରେ ମାଧପୁର କ୍ରୀଡ଼ା ସଂସଦ, ବିଭିନ୍ନ ବିଦ୍ୟାଳୟ ଏବଂ ଅନ୍ୟାନ୍ୟ ଅନୁଷ୍ଠାନ ପକ୍ଷରୁ ବିଭିନ୍ନ ଖେଳକୁଦର ଆୟୋଜନ କରାଯାଇଥାଏ। ଏହାବ୍ୟତୀତ ରାଜନୈତିକ ଦଳର ସଭାସମିତି ମଧ୍ୟ ଏଠାରେ ହୋଇଥାଏ। କିନ୍ତୁ ପଡ଼ିଆର ପୂର୍ବ ଏବଂ ପଶ୍ଚିମ ପାର୍ଶ୍ୱ ଦେଇ ମାନଯୋର ପ୍ରକଳ୍ପର ଦୁଇଟି କେନାଲ ଯାଇଥିବାରୁ କିଛି ବର୍ଷ ହେବ ପଡ଼ିଆରେ ପାଣି ଜକାଇବା ସହ ଜମି ରହୁଛି। ବର୍ଷକର ପ୍ରାୟ ୮ ମାସ ଏପରି ସ୍ଥିତି ସୃଷ୍ଟି ହେଉଥିବାରୁ ଖେଳକୁଦ ଆୟୋଜନରେ ଅସୁବିଧା ହେଉଛି। ଏ ସମ୍ପର୍କରେ ଅଭିଯୋଗ ମିଳିବା ପରେ ଉପଜିଲାପାଳ ବେହେରା ନିଜେ ପଡ଼ିଆ ପରିଦର୍ଶନରେ ଆସି ସମସ୍ୟାର ସମାଧାନ ପାଇଁ ପ୍ରଶାସନିକ ସ୍ତରରେ ବ୍ୟବସ୍ଥା କରାଯିବ ବୋଲି କହିଥିଲେ। ଏହି ସମୟରେ ମାଧପୁର ରାଜସ୍ୱ ନିରୀକ୍ଷକ ଅକ୍ଷୟ ପାତ୍ର, କ୍ରୀଡା ସଂସଦ ଉପସଭାପତି ଶଶୀଭୂଷଣ ବିଶ୍ୱାଳ, ସମ୍ପାଦକ ବିମଳ କୁମାର ଷଣ୍ଢ, କୋଷାଧ୍ୟକ୍ଷ ଅମ୍ବିକା ଦେହୁରୀ, ଜ୍ଞାନରଞ୍ଜନ ପ୍ରଧାନ, ମନୋଜ କୁମାର ପ୍ରଧାନ ପ୍ରମୁଖ ଉପସ୍ଥିତ ଥିଲେ।

# କଠିନ ପରିଶ୍ରମ କେବେ ବୃଥା ଯାଏ ନାହିଁ

**ଏ-୧ରେ ଥିବା ଛାତ୍ରୀଛାତ୍ରଙ୍କୁ ସମ୍ବର୍ଦ୍ଧନା**

**ଅନୁଗୋଳ ଅଫିସ,୧୨।୭**

ଅନୁଗୋଳ ଜିଲାର ବିଭିନ୍ନ ସରକାରୀ ଓ ବେସରକାରୀ ବିଦ୍ୟାଳୟରୁ ଚଳିତ ମାଟ୍ରିକ୍ ପରୀକ୍ଷାରେ ଏ-୧ ଗ୍ରେଡ୍‌ରେ ଉତ୍ତୀର୍ଣ୍ଣ ହୋଇଥିବା ଅନୁଗୋଳ ଜିଲାର ୮୬ ଜଣ ମେଧାବୀ ଛାତ୍ରୀଛାତ୍ରଙ୍କୁ ମଙ୍ଗଳବାର ଢେଙ୍କାନାଳ ଏମ୍‌ପି ମହେଶ ସାହୁ ସମ୍ବର୍ଦ୍ଧିତ କରିଛନ୍ତି। ଜିଲା ପରିଷଦ ସମ୍ମିଳନୀ କକ୍ଷରେ ଆୟୋଜିତ ସମ୍ବର୍ଦ୍ଧନା କାର୍ଯ୍ୟକ୍ରମରେ ମୁଖ୍ୟ ଅତିଥି ଭାବେ ଏମ୍‌ପି ସାହୁ କଠିନ ପରିଶ୍ରମ କେବେ ବୃଥା ଯାଏ ନାହିଁ ବୋଲି ପ୍ରକାଶ କରିଥିଲେ। ଏହି ପରିଶ୍ରମ ବଳରେ ନିଜର ପ୍ରତିଭା ପ୍ରଦର୍ଶନ କରି ଜିଲା ପାଇଁ ଗୌରବ ଆଣିଥିବା ଛାତ୍ରୀଛାତ୍ରଙ୍କୁ ସମ୍ବର୍ଦ୍ଧିତ କରିବା ସହ ସେମାନଙ୍କ ଅଭିଭାବକଙ୍କୁ ସାଧୁବାଦ ଜଣାଇଥିଲେ। ଶିକ୍ଷୟିତ୍ରୀ ଶିକ୍ଷକମାନଙ୍କ ପ୍ରଗାଢ଼ ଉଦ୍ୟମ ଓ ଛାତ୍ରୀଛାତ୍ରମାନଙ୍କ ନିଷ୍ଠାପର କାର୍ଯ୍ୟ ସେମାନଙ୍କୁ ଏହି ସଫଳତା ଆଣି ଦେଇଛି। ତେଣୁ ପ୍ରତିଭାକୁ ଠିକ୍ ଭାବେ ଚିହ୍ନଟ କରିବା ସହ ସେମାନଙ୍କୁ ଉତ୍ସାହିତ କରିବା ଉପରେ ଏମ୍‌ପି ଗୁରୁତ୍ୱାରୋପ କରିଥିଲେ। ସମ୍ମାନିତ ଅତିଥି ଭାବେ ଜିଲା ପରିଷଦ ସଭାପତି ବବିତା ପ୍ରଧାନ, ଅନୁଗୋଳ ପୌରପାଳିକା ଅଧ୍ୟକ୍ଷ ଅକ୍ଷୟ କୁମାର ସାମନ୍ତ, ଜିଲା ଶିକ୍ଷା ଅଧିକାରୀ ନିରଞ୍ଜନ ସାହୁ, ଜିଲା ଗ୍ରାମ୍ୟ ଉନ୍ନୟନ ସଂସ୍ଥାର ଅତିରିକ୍ତ ପ୍ରକଳ୍ପ ନିର୍ଦ୍ଦେଶକ ଶୈଳେଶ ନାଥ ପ୍ରମୁଖ ସମ୍ମାନିତ ଅତିଥି ଭାବେ ଯୋଗଦେଇ କୃତୀ ଛାତ୍ରୀଛାତ୍ରମାନଙ୍କୁ ଉତ୍ସାହିତ କରିଥିଲେ। ଏହି କାର୍ଯ୍ୟକ୍ରମରେ ଅନ୍ୟମାନଙ୍କ ମଧ୍ୟରେ ପୂର୍ବତନ ନଗରପାଳ ପୂର୍ଣ୍ଣଚନ୍ଦ୍ର ରାଉତ, ଛାତ୍ର ବିଜେଡି ସଭାପତି ରାଜୀବ ଲୋଚନ ଦାସ, ଜିଲା ବିଜ୍ଞାନ ପର୍ଯ୍ୟବେକ୍ଷକ ଲକ୍ଷ୍ମଣ ବେହେରା, ଏମ୍‌ପିଙ୍କ ପ୍ରତିନିଧି ସୁନୀଲ କୁମାର ପ୍ରଧାନଙ୍କ ସମେତ କୃତୀ ଛାତ୍ରୀଛାତ୍ର ଓ ସେମାନଙ୍କ ଅଭିଭାବକ, ଶିକ୍ଷୟିତ୍ରୀ ଶିକ୍ଷକ ପ୍ରମୁଖ ଯୋଗ ଦେଇଥିଲେ। ବିଜୁ ଯୁବ ଜନତା ଦଳ ସଭାପତି ଦିନେଶ ପ୍ରଧାନ ଧନ୍ୟବାଦ ଅର୍ପଣ କରିଥିଲେ।



ଅତିଥିମାନଙ୍କ ସହ କୃତୀ ଛାତ୍ରୀମାନେ।

## ସଂକ୍ଷେପରେ

### ଦୁର୍ଘଟଣାରେ ମେଡିକାଲ କର୍ମଚାରୀ ମୃତ

**ଢେଙ୍କାନାଳ ଅଫିସ, ୧୨।୭:** ଢେଙ୍କାନାଳ ଜିଲା କାମାକ୍ଷାନଗର ଉପଖଣ୍ଡ ଅଁଲାବେରେଣୀ ସ୍ୱାସ୍ଥ୍ୟକେନ୍ଦ୍ରରେ କାର୍ଯ୍ୟରତ କର୍ମଚାରୀ ଲକ୍ଷ୍ମୀନାରାୟଣ ଦାସ (୩୫)ଙ୍କ ମଙ୍ଗଳବାର ଦୁର୍ଘଟଣାରେ ପରଲୋକ ହୋଇଯାଇଛି। ତାଙ୍କ ଘର ଡୁମୁସିଙ୍ଗା ଥାନା ମହୁଲି ଅଞ୍ଚଳରେ। ଅଁଲାବେରେଣୀ ସ୍ୱାସ୍ଥ୍ୟକେନ୍ଦ୍ରରେ ଡ୍ୟୁଟିରେ ଯୋଗଦେବାକୁ ଅପରାହ୍ନ ୫ଟାରେ ଘରୁ ବାହାରିଥିଲେ। ଏହି ସମୟରେ ତାଙ୍କୁ ଏକ ଟିପ୍ପର ଧକ୍କା ଦେଇଥିଲା। ଗୁରୁତର ଅବସ୍ଥାରେ ତାଙ୍କୁ ପ୍ରଥମେ ଅଁଲାବେରେଣୀ ସ୍ୱାସ୍ଥ୍ୟକେନ୍ଦ୍ର ଓ ପରେ ଜିଲା ମୁଖ୍ୟ ଚିକିତ୍ସାଳୟକୁ ସ୍ଥାନାନ୍ତର କରାଯାଇଥିଲା। ସେଠାରେ ଡାକ୍ତର ତାଙ୍କୁ ମୃତ ଘୋଷଣା କରିଥିଲେ। ଡୁମୁସିଙ୍ଗା ପୋଲିସ ଘଟଣାସ୍ଥଳରେ ପହଞ୍ଚି ତଦନ୍ତ ଆରମ୍ଭ କରିଛି।

### ଅସହାୟା ବୃଦ୍ଧା ଉଦ୍ଧାର



**କାମାକ୍ଷାନଗର, ୧୨।୭(ଡି.ଏନ୍.ଏ.):** ଢେଙ୍କାନାଳ ଜିଲା କାମାକ୍ଷାନଗର ଥାନା ଜନ୍ତାରିବୋଲ ଓଡ଼ିଶା ଆଦର୍ଶ ବିଦ୍ୟାଳୟ ନିକଟରୁ ମଙ୍ଗଳବାର ଅସହାୟା ଅବସ୍ଥାରେ ଜଣେ ବୃଦ୍ଧାଙ୍କୁ ଉଦ୍ଧାର କରି ମେଡିକାଲରେ ଭର୍ତ୍ତି କରାଯାଇଛି। ତାଙ୍କ ପରିଚୟ ଜଣାପଡ଼ିନାହିଁ। ବୃଦ୍ଧା ଜଣକ ସ୍କୁଲ ବାରଣ୍ଡାରେ ଦୀର୍ଘ ସମୟ ଧରି ବସି ରହିବା ସହ କାନ୍ଦୁଥିଲେ। ଏହା ଦେଖି ଶିକ୍ଷକ ନୀହାର କୁମାର ସାହୁ ସ୍ଥାନୀୟ ଗଣମାଧ୍ୟମ ପ୍ରତିନିଧି ଏବଂ ସ୍ୱେଚ୍ଛାସେବୀ ଅନୁଷ୍ଠାନ 'ଐରା'କୁ ସୂଚନା ଦେଇଥିଲେ। ଉପଜିଲାପାଳ ଜ୍ୟୋତିଶଙ୍କର ସାହୁଙ୍କ ନିର୍ଦ୍ଦେଶରେ ବୃଦ୍ଧାଙ୍କୁ ଆମ୍ବୁଲାନ୍ସ ସହାୟତାରେ କାମାକ୍ଷାନଗର ଚିକିତ୍ସାଳୟରେ ଭର୍ତ୍ତି କରାଯାଇଛି। ସେଠାରେ ତାଙ୍କର ଚିକିତ୍ସା ଜାରି ରହିଛି। ବୃଦ୍ଧା ଜଣଙ୍କ ନିଜର ନାଁ କିମ୍ବା ଠିକଣା କହିପାରୁନାହାନ୍ତି। ତାଙ୍କ ମାନସିକ ସ୍ଥିତି ଠିକ୍ ନ ଥିବା ଜଣାପଡ଼ିଛି। ସୁସ୍ଥ ହେବା ପର୍ଯ୍ୟନ୍ତ ତାଙ୍କୁ ସମସ୍ତ ସହାୟତା ଯୋଗାଇ ଦିଆଯିବ ବୋଲି ଉପଜିଲାପାଳ କହିଛନ୍ତି।

### ରଶ୍ମିରଞ୍ଜନ ସଭାପତି ନିର୍ବାଚିତ

**କାମାକ୍ଷାନଗର, ୧୨।୭(ଡି.ଏନ୍.ଏ.):** କାମାକ୍ଷାନଗର ବ୍ଲକ ଜଗନ୍ନାଥପୁର ସମବାୟ ସମିତିର ନିର୍ବାଚନ ମଙ୍ଗଳବାର ଶେଷ ହୋଇଛି। ଅବସରପ୍ରାପ୍ତ ସରକାରୀ କର୍ମଚାରୀ ରଶ୍ମିରଞ୍ଜନ ବେହେରା ସୋସାଇଟିର ସଭାପତି ଭାବେ ନିର୍ବାଚିତ ହୋଇଛନ୍ତି। ସେ ତାଙ୍କ ପ୍ରତିଦ୍ୱନ୍ଦ୍ୱୀ ରମାକାନ୍ତ ପରିଡ଼ାଙ୍କୁ ୧୦-୫ ବ୍ୟବଧାନରେ ପରାସ୍ତ କରିଛନ୍ତି। ସମୁଦାୟ ୧୫ ଜଣ ନିର୍ଦ୍ଦେଶକ ନିର୍ବାଚନରେ ଅଂଶଗ୍ରହଣ କରିଥିଲେ। ନୂତନ ସଭାପତି ନିଜ ପ୍ରତିକ୍ରିୟାରେ କହିଛନ୍ତି, ଆସନ୍ତା ୫ବର୍ଷରେ ଚାଷୀଙ୍କ ପାଖରେ କିପରି ସରକାରୀ ଯୋଜନା ପହଞ୍ଚିବ, ସେ ଦିଗରେ ପ୍ରାଥମିକତା ଦିଆଯିବ। ମଣ୍ଡିରେ ଧାନ ବିକ୍ରିରେ ସ୍ୱଚ୍ଛତା ରକ୍ଷା ସହ ଠିକ୍ ସମୟରେ ସାର ଓ ବିହନ ଯୋଗାଣ ପାଇଁ ପଦକ୍ଷେପ ନିଆଯିବ। ଚାଷୀ ଯେପରି ଋଣ ପାଇପାରିବେ ସେ ଦିଗରେ ଗୁରୁତ୍ୱ ଦିଆଯିବ ବୋଲି ସେ ପ୍ରତିଶ୍ରୁତି ଦେଇଛନ୍ତି। ଅନ୍ୟପଟେ ନୂତନ ସଭାପତିଙ୍କୁ ସରପଞ୍ଚ ସୁଶାନ୍ତ ମଲ୍ଲିକ ଶୁଭେଚ୍ଛା ଜଣାଇଛନ୍ତି।

# ଧରାପଡ଼ିଲା ବାଇକ୍ ଚୋରି ର୍ୟାକେଟ୍

**ଢେଙ୍କାନାଳ ଅଫିସ, ୧୨।୭**



ଜବତ କରାଯାଇଥିବା ଚୋରି ବାଇକ୍ ଏବଂ ଗିରଫ ଅଭିଯୁକ୍ତମାନେ।

- ୭ ଗାଡ଼ି ଉଦ୍ଧାର, ୬ ଗିରଫ
- ଶାଗମାଛ ଦରରେ ବିକୁଥିଲେ
- ଲଗାଉଥିଲେ ଜାଲ୍ ନମ୍ବର ପ୍ଲେଟ

ସହରରେ ଘୂରି ବୁଲୁଥିଲେ। ସାମାନ୍ୟ ସୁବିଧା ମିଳିଲେ ମାଷ୍ଟର କି' ସହାୟତାରେ ଚୋରି କରି ନେଇଯାଉଥିଲେ ବହୁ ମୂଲ୍ୟ ଟଙ୍କାର ବାଇକ୍। ଜାଲ୍ ନମ୍ବର ପ୍ଲେଟ୍ ଲଗାଇ ଏହାକୁ ଶାଗମାଛ ଦରରେ ବିକ୍ରି କରିଦେଉଥିଲେ। ଏଭଳି ଏକ ବାଇକ୍ ଚୋରି ଗ୍ୟାଙ୍ଗର ମାଷ୍ଟରମାଇଣ୍ଡ ସମେତ ୬ଜଣଙ୍କୁ ମଙ୍ଗଳବାର ଗିରଫ କରିଛି ଢେଙ୍କାନାଳ ଟାଉନ ଥାନା ପୋଲିସ। ସେମାନଙ୍କ ନିକଟରୁ ୭ଟି ଗାଡ଼ି ଜବତ କରାଯାଇଛି। ଏହି ଘଟଣାରେ ସମ୍ପୃକ୍ତ ଅନ୍ୟ ୨ଜଣ ଫେରାର ଅଛନ୍ତି। ସେମାନଙ୍କୁ ଧରିବା ଲାଗି ଉଦ୍ୟମ କରାଯାଉଥିବା ପୋଲିସ କହିଛି।

ଢେଙ୍କାନାଳ ସହରରେ ବାଇକ୍ ଚୋରି ମାମଲା ବଢ଼ିବାରେ ଲାଗିଛି। ବିଶେଷ କରି ଗତ ୪ମାସ ମଧ୍ୟରେ ସମାନ ଉପାୟରେ ଅଭିଯୁକ୍ତମାନେ ବାଇକ୍ ଉଠାଇ ନେଉଥିବା ବେଳେ ଏହାକୁ ନେଇ ପୋଲିସର ମୁଣ୍ଡବ୍ୟଥା ବଢ଼ିଥିଲା। ଚୋରି ବାଇକ୍‌ଗୁଡ଼ିକ ଉଦ୍ଧାର କରିବା ଲାଗି ଟାଉନ ଥାନା ପୋଲିସ ପକ୍ଷରୁ ଯୋଜନା ପ୍ରସ୍ତୁତ କରାଯାଇଥିଲା। ଏ ସମ୍ପର୍କିତ ସୁରାକ୍ ମିଳିବା ପରେ ର୍ୟାକେଟ୍‌ର ମାଷ୍ଟରମାଇଣ୍ଡ କୁହାଯାଉଥିବା ଢେଙ୍କାନାଳ ସହର କାଞ୍ଚନବଜାର ଅଞ୍ଚଳର ଚନ୍ଦନ ସେଠୀ (୧୯), ପରଜଙ୍ଗ ଥାନା କୁଲେଇ ଅଞ୍ଚଳର ମୁଖ୍ୟ ରିସିଭର ଲିଲୁ ଜେନା (୩୮), ଅମରେନ୍ଦ୍ର ଖଟୁଆ(୨୫), ଗୁଲବାସ ସାହୁ (୪୦), ବସୁଲେଇ ଅଞ୍ଚଳର କପିଳ ପରିଡା (୩୦) ଏବଂ କେନ୍ଦୁଝର ଜିଲା ତେଲକୋଇ ଥାନା କରଡ଼ାଙ୍ଗି ଗ୍ରାମର ଦୁଷ୍ମନ୍ତ ସ୍ୱାଇଁ (୪୭)ଙ୍କୁ ପୋଲିସ ଗିରଫ କରିଛି। ପରଜଙ୍ଗ ଥାନା କୁଲେଇ ଏବଂ ଗେଙ୍ଗୁଟିଆ ଅଞ୍ଚଳରେ ଅନ୍ୟ ୨ଜଣ ଅଭିଯୁକ୍ତ ଫେରାର ଥିବାବେଳେ ସେମାନଙ୍କୁ ଧରିବା ପାଇଁ ଉଦ୍ୟମ ଜାରି ରହିଛି।

ଅଭିଯୁକ୍ତମାନେ ଦାମୀ ବାଇକ୍ ଚୋରି କରିବା ପରେ ମାତ୍ର ୭ରୁ ୯ ହଜାର ଟଙ୍କାରେ ବିକ୍ରି କରିଦେଉଥିଲେ। ଜବତ ହୋଇଥିବା ଅଧିକାଂଶ ବାଇକ୍ ନମ୍ବର ବଦଳାଯାଇଛି। କେତେକ ବାଇକ୍‌ର ନମ୍ବର ପ୍ଲେଟ୍ ବାହାର କରିଦିଆଯାଇଛି। ପୋଲିସ ଗିରଫଦାରି ଏଡ଼ାଇବାକୁ ଅଭିଯୁକ୍ତମାନେ ଏଭଳି ଉପାୟ ଅବଲମ୍ବନ କରିଥିଲେ। କୌଣସି ସୂତ୍ରରୁ ସୂଚନା ମିଳିବା ପରେ ଏସ୍‌ପି ଲୋଗାନୟାଗୀ ଦିବ୍ୟା ଭି.ଙ୍କ ନିର୍ଦ୍ଦେଶରେ ସଦର ଏସ୍‌ଡିପିଓ ବିକାଶ ବେଉରାଙ୍କ ତତ୍ତ୍ୱାବଧାନରେ ଟାଉନ ଥାନା ଅଧିକାରୀ ରାଜେନ୍ଦ୍ର ମହାପାତ୍ର, ଏସ୍‌ଆଇ ଚନ୍ଦ୍ରକାନ୍ତ ସେଠୀ, ସୌଭାଗ୍ୟ ପାଣି, ସୁଧାକର ମହାନ୍ତି, ଏଏସ୍‌ଆଇ ସୁଶାନ୍ତ ବେହେରା ପ୍ରମୁଖ ଢେଙ୍କାନାଳ, ପରଜଙ୍ଗ ଅଞ୍ଚଳରେ ଚଢ଼ାଉ କରି ଅଭିଯୁକ୍ତଙ୍କୁ ଗିରଫ କରିଥିଲା। ସେମାନଙ୍କ ସୂଚନା ଆଧାରରେ ବାଇକ୍‌ଗୁଡ଼ିକୁ ଜବତ କରାଯାଇଥିଲା। ଅଧିକ ତଦନ୍ତ ପାଇଁ ଅଭିଯୁକ୍ତମାନଙ୍କୁ ରିମାଣ୍ଡରେ ଅଣାଯିବ ବୋଲି ଟାଉନ ଥାନା ପୋଲିସ ପକ୍ଷରୁ ସୂଚନା ଦିଆଯାଇଛି। ଟାଉନ୍ ଥାନାରେ ଆୟୋଜିତ ଖବରଦାତା ସମ୍ମିଳନୀରେ ଏସ୍‌ଡିପିଓ ବେଉରା ସୂଚନା ଦେଇ କହିଛନ୍ତି, ଅଭିଯୁକ୍ତ ଚନ୍ଦନ ମାଷ୍ଟର କି' ସହାୟତାରେ ଢେଙ୍କାନାଳ ସହରରୁ ବାଇକ୍‌ଗୁଡ଼ିକ ଚୋରି କରି ପରଜଙ୍ଗ ଅଞ୍ଚଳର ସମ୍ପୃକ୍ତ ଅଭିଯୁକ୍ତଙ୍କ ସହାୟତାରେ ବିକ୍ରି କରିଦେଉଥିଲେ। ତଦନ୍ତ ପରେ ଆହୁରି ଅନେକ ଚୋରି ବାଇକ୍ ଜବତ ହେବା ସମ୍ଭାବନା ରହିଛି।

# ଗାଡ଼ି ଛାଡ଼ି ଧାଇଁଲେ ଅଭିଯୁକ୍ତ

**ଢେଙ୍କାନାଳ ଅଫିସ, ୧୨।୭**

- ମନ୍ଦିରରୁ ଚୋରି ପିତ୍ତଳ ସାମଗ୍ରୀ ବିକ୍ରି ମସୁଧା ପଣ୍ଡ
- ଡ୍ରାଇଭରଙ୍କୁ ଧରି ପୋଲିସ ଜିମା ଦେଲେ ଗ୍ରାମବାସୀ



ଢେଙ୍କାନାଳ ଜିଲା ସଦର ଥାନା ତରଭା ଫାଣ୍ଡି ଚାଉଳିଆ ଗ୍ରାମସ୍ଥିତ ମହାପ୍ରଭୁ ଶ୍ରୀବୁଦ୍ଧେଶ୍ୱର ପୀଠରୁ ସୋମବାର ରାତିରେ ଚୋରି ହୋଇଥିବା ପିତ୍ତଳ ହଣ୍ଡା, ଘଣ୍ଟ, ତ୍ରିଶୂଳକୁ ବିକ୍ରି କରିବାକୁ ଉଦ୍ୟମ କରାଯାଉଥିବାବେଳେ ଗ୍ରାମବାସୀଙ୍କ ଉପସ୍ଥିତ ବୁଦ୍ଧି ଯୋଗୁ ଏହା ପଣ୍ଡ ହୋଇଛି। ଚୋରି ସମ୍ପର୍କରେ ସୂଚନା ପାଇ ଅଞ୍ଚଳବାସୀ ଅଭିଯୁକ୍ତଙ୍କୁ ଗୋଡ଼ାଇ ସାମଗ୍ରୀ ଜବତ କରିଥିଲେ। ଘଟଣାସ୍ଥଳରୁ ୩ ଅଭିଯୁକ୍ତ ଫେରାର ହୋଇଯାଇଥିବାବେଳେ ପିକ୍‌ଅପ୍ ଭ୍ୟାନ୍ ଚାଳକଙ୍କୁ କାବୁ କରି ଗ୍ରାମବାସୀ ପୋଲିସ ଜମା ଦେଇଛନ୍ତି।

ପୋଲିସ ସୂଚନା ଅନୁଯାୟୀ, ଦୁର୍ବୃତ୍ତମାନେ ମନ୍ଦିରରୁ ପିତ୍ତଳ ସାମଗ୍ରୀ ଚୋରି କରିବା ପରେ ଏହାକୁ ଜଙ୍ଗଲରେ ଲୁଚାଇ ରଖିଥିଲେ। ବିଳମ୍ବିତ ରାତିରେ ଏକ ପିକ୍‌ଅପ୍ ଭ୍ୟାନ୍ ସହାୟତାରେ ଠାକୁରଙ୍କ ସାମଗ୍ରୀଗୁଡ଼ିକୁ ବିକ୍ରି କରିବା ପାଇଁ ଯୋଜନା କରିଥିଲେ। କୌଣସି ସୂତ୍ରରୁ ଚାଉଳିଆ ଗ୍ରାମବାସୀ ସୂଚନା ପାଇ ଗାଡ଼ିର ପିଛା କରି ରଣପଶି ଓଭରବ୍ରିଜ୍ ନିକଟରେ ଧରିଥିଲେ। ଅନ୍ୟ ୩ଜଣ ଖସି ପଳାଇଥିବା ବେଳେ ଡ୍ରାଇଭରଙ୍କୁ ଧରି ସେମାନେ ତରଭା ଫାଣ୍ଡି ପୋଲିସ ଜିମା ଦେଇଛନ୍ତି। ଅଞ୍ଚଳର ବିଭିନ୍ନ ମନ୍ଦିରରୁ ଲକ୍ଷାଧିକ ଟଙ୍କାର ସାମଗ୍ରୀ ଚୋରି ହୋଇଛି। ଏଥିରେ ସମ୍ପୃକ୍ତ ଅଭିଯୁକ୍ତଙ୍କ ସମ୍ପୃକ୍ତି ଥିବା ସନ୍ଦେହ କରାଯାଉଛି। ଫେରାର ଅଭିଯୁକ୍ତଙ୍କୁ ଗିରଫ କରି କଠୋର କାର୍ଯ୍ୟାନୁଷ୍ଠାନ ଗ୍ରହଣ କରିବାକୁ ଗ୍ରାମବାସୀ ଦାବି କରିଛନ୍ତି।



ଜବତ ଚୋରି ତ୍ରିଶୂଳ।

# ବିଶ୍ରାମାଗାର ନିର୍ମାଣରେ ଦୂରଦୃଷ୍ଟି ଅଭାବ

**ପରଜଙ୍ଗ, ୧୨।୭(ଡି.ଏନ.ଏ.)**

## ଏନ୍‌ଏଚ୍ ଅବରୋଧ କଲେ ପଥରଖମ୍ବ ଗ୍ରାମବାସୀ



ଉତ୍ତ୍ୟକ୍ତ ଗ୍ରାମବାସୀଙ୍କୁ ପୋଲିସ ବୁଝାଶୁଝା କରୁଛି।

ବିଶ୍ରାମାଗାର ନିର୍ମାଣରେ ଜାତୀୟ ରାଜପଥ ପ୍ରାଧିକରଣ କର୍ତ୍ତୃପକ୍ଷ (ଏନ୍‌ଏଚ୍‌ଏଆଇ)ଙ୍କ ଦୂରଦୃଷ୍ଟିର ଅଭାବ ପ୍ରତିବାଦରେ ମଙ୍ଗଳବାର ରାସ୍ତାକୁ ଓହ୍ଲାଇଛନ୍ତି ଢେଙ୍କାନାଳ ଜିଲା ପରଜଙ୍ଗ ବ୍ଲକ ପଥରଖମ୍ବ ଗ୍ରାମବାସୀ। ସେମାନେ ପୂର୍ବାହ୍ନ ୯ଟାରୁ ଦୁଇଘଣ୍ଟା ଧରି ପଥରଖମ୍ବ ଛକ ନିକଟରେ ୫୩ନଂ. ଜାତୀୟ ରାଜପଥ ଅବରୋଧ କରିଥିଲେ।

ଗ୍ରାମବାସୀଙ୍କ ଅଭିଯୋଗ ଅନୁଯାୟୀ, ପଥରଖମ୍ବ ଗ୍ରାମର ଜନସଂଖ୍ୟା ପ୍ରାୟ ୪୦୦୦। ଗ୍ରାମର ଜନସାଧାରଣ, ଛାତ୍ରୀଛାତ୍ର, ରୋଗୀ ମୁଖ୍ୟତଃ ବସ୍ ଉପରେ ନିର୍ଭରଶୀଳ। ତେବେ ଏନ୍‌ଏଚ୍‌ଏଆଇ ପକ୍ଷରୁ ଗ୍ରାମ ନିକଟରେ ଥିବା ପୁରାତନ ବସ୍ ରହଣି ସ୍ଥଳ ପରିବର୍ତ୍ତେ ସେଠାରୁ ୫୦୦ ମିଟର ଦୂରରେ ବିଶ୍ରାମାଗାର ନିର୍ମାଣ କରାଯାଇଛି। ସେହିପରି ଉକ୍ତ ସ୍ଥାନକୁ ଯିବା ପାଇଁ ସର୍ଭିସ ରୋଡ୍ ମଧ୍ୟ ନାହିଁ। ଫଳରେ ଜାତୀୟ ରାଜପଥରେ ଗାଡ଼ିକୁ ଅପେକ୍ଷା କରିବା ବେଳେ ଦୁର୍ଘଟଣା ଘଟିବା ଆଶଙ୍କା ରହିଛି। ଏ ସଂକ୍ରାନ୍ତରେ ଏନ୍‌ଏଚ୍‌ଏଆଇ କର୍ତ୍ତୃପକ୍ଷ ଏବଂ ସ୍ଥାନୀୟ ପ୍ରଶାସନ ପାଖରେ ଅଭିଯୋଗ କରାଯାଇଥିଲେ ମଧ୍ୟ କୌଣସି ପଦକ୍ଷେପ ନିଆଯାଉନାହିଁ। ତେଣୁ ସେମାନେ ଆନ୍ଦୋଳନକୁ ଓହ୍ଲାଇଥିବା କହିଛନ୍ତି।

ରାସ୍ତାରୋକୋ ଯୋଗୁ ତାଳଚେରରୁ ଡୁବୁରୀ ଏବଂ ଡୁବୁରୀରୁ ତାଳଚେରକୁ ଚଳାଚଳ କରୁଥିବା ଶତାଧିକ ଯାନବାହନ ୨ ଘଣ୍ଟା ଧରି ଅଟକି ରହିଥିଲା। ସୂଚନା ପାଇ କାମାକ୍ଷାନଗର ଆଇଆଇସି ଶରତ ମହାଳିକ, ପରଜଙ୍ଗ ତହସିଲଦାର ଖଗେଶ୍ୱର ପାତ୍ର ପହଞ୍ଚି ଲୋକଙ୍କୁ ବୁଝାଶୁଝା କରିଥିଲେ। ଦାବି ପୂରଣ ଲାଗି ପଦକ୍ଷେପ ନିଆଯିବ ବୋଲି ପ୍ରତିଶ୍ରୁତି ମିଳିବା ପରେ ରାସ୍ତାରୋକୋ ହଟିଥିଲା।

# ଶ୍ରୀଜୀଉଙ୍କ ନୀଳାଦ୍ରି ବିଜେ



**ପରଜଙ୍ଗ, ୧୨।୭(ଡି.ଏନ୍.ଏ.)**

ଢେଙ୍କାନାଳ ଜିଲା ପରଜଙ୍ଗ ବ୍ଲକ କନ୍ଦରସିଂହାରେ ମହାପ୍ରଭୁଙ୍କ ରଥଯାତ୍ରା ଶାନ୍ତିଶୃଙ୍ଖଳାର ସହ ସମ୍ପନ୍ନ ହୋଇଛି। ମଙ୍ଗଳବାର ନୀଳାଦ୍ରି ବିଜେ ନୀତି ଅନୁଷ୍ଠିତ ହୋଇଥିବାବେଳେ ରତ୍ନସିଂହାସନରେ ବିଜେ କରିଛନ୍ତି ଚତୁର୍ଦ୍ଧାମୂର୍ତ୍ତି।

ଏହି ଅବସରରେ ୩ଦିନ ଧରି ଚାଲିଥିବା ଜଗନ୍ନାଥ ମନ୍ଦିର ପ୍ରତିଷ୍ଠା ଉତ୍ସବର ପୂର୍ଣ୍ଣାହୁତି ସମ୍ପନ୍ନ ହୋଇଥିଲା। ପ୍ରଥମ ଦିନ ୧୦୮ ମହିଳା ଶ୍ରଦ୍ଧାଳୁ ବ୍ରାହ୍ମଣୀ ନଦୀରୁ ଜଳ ଆଣିବା ପରେ ଜଳାଧିବାସ କରାଯାଇଥିଲା। ଏହାପରେ ବିଧି ଅନୁଯାୟୀ ସୂର୍ଯ୍ୟପୂଜା, ଯଜ୍ଞ, ଆଳତି କରାଯାଇଥିଲା। ଦ୍ୱିତୀୟ ଦିନରେ ନୀଳଚକ୍ର, ପତିତପାବନ ନେତ, ନବଗ୍ରହ ମୂର୍ତ୍ତି, ଗରୁଡ଼ ମୂର୍ତ୍ତି ସ୍ଥାପନ କରାଯାଇଥିଲା। ଶ୍ରଦ୍ଧାଳୁଙ୍କ ପାଇଁ ପ୍ରସାଦ ସେବନ ବ୍ୟବସ୍ଥା କରାଯାଇଥିଲା। ସୂଚନାଯୋଗ୍ୟ, ମନ୍ଦିର ପ୍ରତିଷ୍ଠା ପୂର୍ବରୁ ସୁଶୀଳ ବିଶ୍ୱାଳଙ୍କ ଘରେ ମହାପ୍ରଭୁ ପୂଜା ପାଉଥିଲେ। ତାଙ୍କ ଉଦ୍ୟମରେ ନୂତନ ଜଗନ୍ନାଥ ମନ୍ଦିର ନିର୍ମାଣ କରାଯାଇଛି।

# ୩୯ ୟୁନିଟ୍ ରକ୍ତ ସଂଗ୍ରହ

**ଢେଙ୍କାନାଳ ଅଫିସ, ୧୨।୭**




ଜଣେ ରକ୍ତଦାତାଙ୍କୁ ଫାଉଣ୍ଡେଶନର ସଦସ୍ୟମାନେ ଉତ୍ସାହିତ କରାଉଛନ୍ତି।

ରକ୍ତ ଭଣ୍ଡାରରେ ରକ୍ତ ଅଭାବକୁ ଦୂର କରିବା ପାଇଁ ଗୁରୁଦେବଜୀ ଫାଉଣ୍ଡେଶନ୍ ତରଫରୁ ସ୍ୱେଚ୍ଛାକୃତ ରକ୍ତଦାନ ଶିବିର ବସ୍‌ଷ୍ଟାଣ୍ଡ ନିକଟ ରୋଟାରି ଭବନ ପରିସରରେ ଅନୁଷ୍ଠିତ ହୋଇଯାଇଛି। ରେଡ୍ ଡୋନର୍ କ୍ଲବ୍‌ର ସହଯୋଗ ଏବଂ ଜିଲା ରକ୍ତଭଣ୍ଡାରର ଟେକ୍ନିସିଆନ୍ ପରମାନନ୍ଦ ପଣ୍ଡାଙ୍କ ନେତୃତ୍ୱରେ ମୋଟ୍ ୩୯ ୟୁନିଟ୍ ରକ୍ତ ସଂଗ୍ରହ କରାଯାଇଥିଲା। ମୁଖ୍ୟ ଅତିଥି ଭାବେ ଜିଲା ପରିଷଦ ସଭାପତି ଅର୍ଚ୍ଚନା ପୁହାଣ ଯୋଗଦେଇ ଶିବିରକୁ ଉଦ୍‌ଘାଟନ କରିଥିଲେ। ସମ୍ମାନିତ ଅତିଥି ଭାବେ ଜିଲା ରେଡ୍‌କ୍ରସ୍ ଉପସଭାପତି ବିରଞ୍ଚି ନାରାୟଣ ପାଣି, ମହିଳା ବିଜେଡି ସଭାନେତ୍ରୀ ସାଗରିକା ମିଶ୍ର, ଡା. ଶାନ୍ତିଭୂଷଣ ପଣ୍ଡା, କ୍ରୀଡ଼ା ଘୋଷକ ଅମିୟ କୁମାର ଚାନ୍ଦ, ରୋଟାରିଆନ୍ ରାଜକିଶୋର ବେହେରା, ସୌମ୍ୟା ମିଶ୍ର ପ୍ରମୁଖ ଯୋଗଦେଇ ରକ୍ତଦାତାଙ୍କୁ ଉତ୍ସାହିତ କରାଇଥିଲେ।

ଫାଉଣ୍ଡେଶନ ଅଧ୍ୟକ୍ଷ ଇଂ. ସୌମ୍ୟବ୍ରତ ସାହୁଙ୍କ ନେତୃତ୍ୱରେ ୧୧ଦିନ ଧରି ଚାଲିଥିବା ଚାରା ରୋପଣ ଓ ସଚେତନତା କାର୍ଯ୍ୟକ୍ରମର ଅନ୍ତିମ ଦିନରେ ଚାରା ବଣ୍ଟନ କରାଯାଇଥିଲା। ଶିବାନୀ ସାମଲ, ମମତା ମାହୁନ୍ତ କାର୍ଯ୍ୟକ୍ରମ ପରିଚାଳନା କରିଥିବାବେଳେ ଆଶୁତୋଷ ପାଢ଼ୀ, ଇନ୍ଦ୍ରଜିତ୍ ସାହୁ, ବିଶ୍ୱଜିତ୍ ପ୍ରଧାନ, ଡାର୍ଲିନ୍ ଡାଲ୍‌ଟନ୍, ସୌଭାଗ୍ୟ ବରାଳ, ପ୍ରତାପ ନାୟକ, କାହ୍ନାଜୀ ମହାରଣା, ସତ୍ୟଜିତ୍ ରାଉତ ପ୍ରମୁଖ ଅନୁଷ୍ଠାନର ସଦସ୍ୟ ଏଥିରେ ସହଯୋଗ କରିଥିଲେ।

# ରନ୍ଧନ ଗ୍ୟାସ୍‌ର ସୁରକ୍ଷିତ ବ୍ୟବହାରକୁ ଗୁରୁତ୍ୱ

**ଭୁବନ, ୧୨।୭(ଡି.ଏନ୍.ଏ.)**

ଭୁବନ ମହାବୀର ଗ୍ୟାସ୍ ସର୍ଭିସ ପକ୍ଷରୁ ରନ୍ଧନ ଗ୍ୟାସ୍‌ର ସୁରକ୍ଷିତ ବ୍ୟବହାର ସମ୍ପର୍କିତ ସଚେତନତା କାର୍ଯ୍ୟକ୍ରମ ଆୟୋଜିତ ହୋଇଯାଇଛି। ଗ୍ୟାସ୍ ବିତରକ ସାଗରିକା ମିଶ୍ରଙ୍କ ଅଧ୍ୟକ୍ଷତାରେ ଆୟୋଜିତ ଏହି କାର୍ଯ୍ୟକ୍ରମରେ ମୁଖ୍ୟ ଅତିଥି ଭାବେ ସମ୍ବଲପୁର ଟେରିଟୋରି ମ୍ୟାନେଜର ଅରୁଣ ବିଶ୍ୱାସ, ମୁଖ୍ୟବକ୍ତା ଚନ୍ଦନ କୁମାର ତାଣ୍ଡି, ସମ୍ମାନିତ ଅତିଥି ଭାବେ ଇଞ୍ଜିନିୟର ମନୋରଞ୍ଜନ ପତି ଯୋଗଦେଇ ରନ୍ଧନ ଗ୍ୟାସ୍‌ର ବ୍ୟବହାର, ଉପକାରିତା, ଗ୍ୟାସ୍ ଦୁର୍ଘଟଣାର କାରଣ ଏବଂ ନିରାକରଣ ବିଷୟରେ ସଚେତନ କରାଇଥିଲେ। ଏହି ଅବସରରେ ଗଡ଼ଗହମପୁର ଗୋଦାମ ନିକଟରେ ଚାରା ରୋପଣ କରାଯାଇଥିଲା। କର୍ମଚାରୀ ବିଧାଧର ସାହୁ, ସୀତାଂଶୁ ଦାସ, ବିନୋଦ ପଟ୍ଟନାୟକ, ସାଇ ଆହ୍ଲାଦିନ ପୃଷ୍ଟି, ସୌମ୍ୟରଞ୍ଜନ ଦାସ ପ୍ରମୁଖ ସହଯୋଗ କରିଥିଲେ। ଟେରିଟୋରି ସହଯୋଗୀ ଆଶିଷ ଦାସ ଧନ୍ୟବାଦ ଅର୍ପଣ କରିଥିଲେ।

# 'କଠୋର ଜନ୍ମ ନିୟନ୍ତ୍ରଣ ବିଲ୍ ଆସୁ'

**ଢେଙ୍କାନାଳ ଅଫିସ, ୧୨।୭**

## ମୁଖ୍ୟମନ୍ତ୍ରୀ, ପ୍ରଧାନମନ୍ତ୍ରୀଙ୍କ ଉଦ୍ଦେଶ୍ୟରେ ସ୍ମାରକପତ୍ର

ଭାରତରେ ଜନସଂଖ୍ୟା ବିସ୍ଫୋରଣକୁ ରୋକିବା ଲାଗି କଠୋର ଜନ୍ମ ନିୟନ୍ତ୍ରଣ ବିଲ୍ ଅଣାଯାଉ ବୋଲି ଦାବି କରିଛି ଢେଙ୍କାନାଳ ଜନସଂଖ୍ୟା ସମାଧାନ ଫାଉଣ୍ଡେଶନ। ଏହି ଅବସରରେ ସଙ୍ଗଠନ ପକ୍ଷରୁ ପ୍ରଧାନମନ୍ତ୍ରୀ ଏବଂ ମୁଖ୍ୟମନ୍ତ୍ରୀଙ୍କ ଉଦ୍ଦେଶ୍ୟରେ ସୋମବାର ଅତିରିକ୍ତ ଜିଲାପାଳ (ରାଜସ୍ୱ) ଉଦୟନାଥ ମହାପାତ୍ରଙ୍କୁ ସ୍ମାରକପତ୍ର ପ୍ରଦାନ କରାଯାଇଛି।

ଜନସଂଖ୍ୟା ବୃଦ୍ଧିର ପ୍ରଭାବ ପ୍ରତ୍ୟକ୍ଷ ଏବଂ ପରୋକ୍ଷ ଭାବେ ଅର୍ଥନୀତିକୁ ପ୍ରଭାବିତ କରୁଛି। ଭୌଗୋଳିକ ଓ ସାମାଜିକ ବ୍ୟବସ୍ଥାର ସନ୍ତୁଳନ ବିଗିଡ଼ି ଯାଉଛି। ଆପରାଧିକ କାର୍ଯ୍ୟକଳାପ ନିୟନ୍ତ୍ରଣ ବାହାରକୁ ଗଲାଣି। ଜନସଂଖ୍ୟା ବୃଦ୍ଧିର ଚାପ ଶିକ୍ଷାକ୍ଷେତ୍ରରେ ପଡୁଛି। ସମସ୍ତଙ୍କୁ ମୌଳିକସୁବିଧା ଯୋଗାଇ ଦେବା ଆହ୍ୱାନ ପାଲଟିଛି। ଜଙ୍ଗଲ ସମ୍ପଦ ଅବକ୍ଷୟ ହେବାରେ ଲାଗିଛି। ଉନ୍ନତିମୂଳକ କାର୍ଯ୍ୟ ପ୍ରଭାବିତ ହେଉଛି। ତେଣୁ ଉଭୟ ରାଜ୍ୟ ଓ କେନ୍ଦ୍ର ସରକାର କଠୋର ଜନସଂଖ୍ୟା ନିୟନ୍ତ୍ରଣ ବିଲ୍ ଆଣିବା ଉଚିତ ବୋଲି ସ୍ମାରକପତ୍ରରେ ଉଲ୍ଲେଖ ରହିଛି।

ଦାବିପତ୍ର ପ୍ରଦାନ ବେଳେ ଫାଉଣ୍ଡେଶନ୍‌ର ଜିଲା ସଭାପତି କଲ୍ୟାଣ କୁମାର କାନୁନ୍‌ଗୋ, ମହିଳା ସାମ୍ମୁଖ୍ୟ ଜିଲା ସଭାନେତ୍ରୀ ଭାରତୀ ସ୍ୱାଇଁ, ରାଜ୍ୟ କାର୍ଯ୍ୟକାରିଣୀ ସଦସ୍ୟ ଇଂ. ବାବୁଚାନ୍ଦ ମହାଳିକ, ଆଡଭୋକେଟ୍ ଦୀପକ ପ୍ରସାଦ ପଟ୍ଟନାୟକ, ପାର୍ଥସାରଥି ପଟ୍ଟନାୟକ, ବୈକୁଣ୍ଠନାଥ ଦ୍ୱିବେଦୀ, ସୌମେନ୍ ରାୟ, ନରେନ୍ଦ୍ର ସାହୁ, ଧ୍ରୁବଚରଣ ସ୍ୱାଇଁ, ଅଖିଳ ମହାପାତ୍ର, ନିରଞ୍ଜନ ନାୟକ, ବିକାଶ ନାୟକ, ଦିଲୀପ ଜେନା, ବବିତା ମହାପାତ୍ର, ବୀଣାପାଣି ସାହୁ ପ୍ରମୁଖ ଉପସ୍ଥିତ ଥିଲେ।




ଅତିରିକ୍ତ ଜିଲାପାଳଙ୍କୁ ଦାବିପତ୍ର ପ୍ରଦାନ ଅବସରରେ ଢେଙ୍କାନାଳ ଜନସଂଖ୍ୟା ସମାଧାନ ଫାଉଣ୍ଡେଶନ୍‌ର ସଦସ୍ୟମାନେ।

# ଜଙ୍ଗଲ ଜମିରେ ଅମୃତ ସରୋବର ପୋଖରୀ

**କାମାକ୍ଷାନଗର, ୧୨।୭(ଡି.ଏନ୍.ଏ)**

- କଟାଯାଇଛି ୧୫୦୦ରୁ ଊର୍ଦ୍ଧ୍ୱ ଗଛ
- ଅଭିଯୋଗ ପରେ ତଦନ୍ତ ଆରମ୍ଭ



କଣ୍ଟାପାଳ ପଞ୍ଚାୟତ ପକ୍ଷରୁ ପୋଖରୀ ଖନନ କରାଯାଇଛି।

ଢେଙ୍କାନାଳ ଜିଲା କାମାକ୍ଷାନଗର ବ୍ଲକ କଣ୍ଟାପାଳ ପଞ୍ଚାୟତ ପକ୍ଷରୁ ଅମୃତ ସରୋବର ଯୋଜନାରେ ଖୋଳାଯାଇଥିବା ପୋଖରୀକୁ ନେଇ ବିବାଦ ସୃଷ୍ଟି ହୋଇଛି। ଶ୍ରମିକ ସହାୟତାରେ ଏହି ଜଳାଶୟ ଖନନ ନିୟମ ରହିଥିଲେ ମଧ୍ୟ ମେଶିନରେ କାମ କରାଯାଇଛି। କେବଳ ଏତିକି ନୁହେଁ, ଏଥିପାଇଁ ୧୫୦୦ରୁ ଊର୍ଦ୍ଧ୍ୱ ମୂଲ୍ୟବାନ ଗଛ କଟାଯାଇଥିବା ଅଭିଯୋଗ ହୋଇଛି। ଏପରି କି ଉକ୍ତ ପୋଖରୀ ଖନନ ହୋଇଥିବା ଜମିରୁ କିଛି ଅଂଶ କୁସୁମଯୋଡ଼ି ପଞ୍ଚାୟତ ଅଧୀନରେ ଆସୁଥିବା ସେଠାକାର ଜନସାଧାରଣ କହିଛନ୍ତି। ଏ ସଂକ୍ରାନ୍ତରେ ବିଡିଓଙ୍କ ନିକଟରେ ଅଭିଯୋଗ ହେବା ପରେ ତଦନ୍ତ ଆରମ୍ଭ ହୋଇଛି। ଅନ୍ୟପଟେ କେତେଜଣ ନ୍ୟସ୍ତସ୍ୱାର୍ଥ ବ୍ୟକ୍ତି ପଞ୍ଚାୟତ ବିକାଶକୁ ସହ୍ୟ କରି ନ ପାରି ଏଭଳି ଅଭିଯୋଗ ଆଣିଥିବା ସରପଞ୍ଚ କହିଛନ୍ତି।

ଅଭିଯୋଗ ଅନୁଯାୟୀ, କାମାକ୍ଷାନଗର ବ୍ଲକ ଅନ୍ନପୂର୍ଣ୍ଣାପୁର ଖମାର ମୌଜାର ଖାତା ନଂ. ୨୩୭, ପ୍ଲଟ ନଂ. ୩୦୪୦, ୩୦୪୧ ଓ ୩୦୪୨ ଅଧୀନ ଜଙ୍ଗଲ କିସମ ଜମିରେ ପଞ୍ଚାୟତ ପକ୍ଷରୁ ୧୦ ଲକ୍ଷ ଟଙ୍କା ବ୍ୟୟ ଅଟକଳରେ ଉକ୍ତ ପୋଖରୀ ଖନନ କରାଯାଇଛି। ଏଥିଲାଗି ବେଆଇନ ଭାବେ ୧୫୦୦ରୁ ୨୦୦୦ ଗଛ କଟାଯାଇଛି। ତେବେ ବିନା ଜମିମାପ କିମ୍ବା ଆଲୋଚନାରେ ତରବରିଆ ଭାବେ ଜଳାଶୟ ଖୋଳାଯାଇଥିବାରୁ ଠିକ୍ ସ୍ଥାନ ନିରୂପଣ ହୋଇପାରିନାହିଁ। ତେଣୁ ଏହି ବିଶାଳକାୟ ପୋଖରୀର କିଛିଅଂଶ କୁସୁମଯୋଡ଼ି ପଞ୍ଚାୟତ ସୀମା ଭିତରକୁ ମାଡ଼ିଯାଇଛି। ଏ ନେଇ ସମ୍ପୃକ୍ତ ପଞ୍ଚାୟତର ବାସିନ୍ଦା ବ୍ଲକ ପ୍ରଶାସନର ଦୃଷ୍ଟି ଆକର୍ଷଣ କରିବା ସହ ଜିଲାପାଳ, ଉପଜିଲାପାଳଙ୍କ ସମେତ ଉଚ୍ଚପଦସ୍ଥ ବିଭାଗର ଅଧିକାରୀଙ୍କୁ ଅବଗତ କରାଇଛନ୍ତି। ଅନ୍ୟପଟେ ଏମ୍‌ଜିଏନ୍‌ଆର୍‌ଇଜିଏସ୍‌ରେ ଏହି ପୋଖରୀ ଶ୍ରମିକଙ୍କ ଦ୍ୱାରା ଖୋଳିବା ଲାଗି ନିୟମ ରହିଥିବାବେଳେ କିଭଳି ମେଶିନ ସହାୟତାରେ କାମ କରାଗଲା, ତାହାକୁ ନେଇ ସେମାନେ ପ୍ରଶ୍ନ ଉଠାଇଛନ୍ତି।

ଏ ସମ୍ପର୍କରେ କଣ୍ଟାପାଳ ପଞ୍ଚାୟତର ସରପଞ୍ଚ ନିର୍ମଦା ସାସମଲ କୁହନ୍ତି, କେତେଜଣ ଖଳପ୍ରକୃତିର ଲୋକ ଅଞ୍ଚଳର ବିକାଶ ଚାହୁଁନାହାନ୍ତି। ତେଣୁ ସେମାନେ ଏଭଳି ଅଭିଯୋଗ ଆଣିଥିବା ସେ କହିଛନ୍ତି। ବିଡିଓ ବିକାଶ କୁମାର ମହାନ୍ତି କୁହନ୍ତି, ଅଭିଯୋଗ ପାଇବା ପରେ ତଦନ୍ତ କରାଯାଉଛି। ଅଭିଯୋଗରେ ସତ୍ୟତା ଥିଲେ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯିବ।

